# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 July – 2026

*************************************

## ମୁଖ୍ୟ ସମ୍ବାଦ

- ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ-୨୦୨୬ ଉପରେ ଲୋକସଭାରେ ଆଲୋଚନା ଜାରି
- ସବୁଜ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ହେପାଟାଇଟିସ୍‌କୁ ପ୍ରତହତ କରିବା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ଯକୃତ ଦିବସ'

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ ଲାଗି ରହିଛି ବର୍ଷା; ବିଭିନ୍ନ ନଦୀରେ ବୃଦ୍ଧି ପାଉଛି ଜଳସ୍ତର

## ଏଲ୍‌ଏସ୍-ଆର୍‌ଏସ୍ ଆଡଜର୍ଣ୍ଣଡ୍

ପ୍ରଶ୍ନପତ୍ର ପ୍ରଘଟ ଏବଂ ବିଭିନ୍ନ ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଜାରି ରହିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବାଚସ୍ପତି ଓମ୍ ବିର୍ଲା ପ୍ରଥମେ ଗୃହକାର୍ଯ୍ୟକୁ ପୂର୍ବାହ୍ନ ୧୧ଟାରେ ଆରମ୍ଭ କରିଥିଲେ। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଏହା ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଲୋକସଭା ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ-୨୦୨୬ ଉପରେ ଆଲୋଚନା ଜାରି ରହିଛି।

ରାଜ୍ୟସଭାରେ ମଧ୍ୟ ଅନୁରୂପ ହଟ୍ଟଗୋଳ ବାତାବରଣ ଯୋଗୁଁ ପ୍ରଥମେ ଅପରାହ୍ନ ୨ଟା ଏବଂ ପରବର୍ତ୍ତୀ ସମୟରେ ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟକୁ ମୁଲତବୀ ରଖାଯାଇଛି।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ପ୍ରକୃତି ହେଉଛି ମଣିଷ ଜୀବନର ମୂଳ ଆଧାର। ଏହାର ସୁରକ୍ଷା ଓ ପରିବେଶ ସନ୍ତୁଳନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳନ କରାଯାଉଛି। ଜଳ, ବାୟୁ, ମାଟି, ଜଙ୍ଗଲ, ପାହାଡ ଏବଂ ଜୀବଜନ୍ତୁଙ୍କ ସମନ୍ୱୟରେ ପରିବେଶ ଗଢିଉଠିଥାଏ। ପ୍ରକୃତି

ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଆଜିର ଦିନ ବିଶେଷ ମହତ୍ତ୍ୱ ବହନ କରିଥାଏ। କେନ୍ଦ୍ର ଓ ରାଜ୍ୟ ସରକାର ପରିବେଶର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ମିଶନ ଲାଇଫ୍ ମାଧ୍ୟମରେ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହନ ଦିଆଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ରକୃତି ସହ ସାମଞ୍ଜସ୍ୟ ରକ୍ଷା କରି ସ୍ଥାୟୀ ଜୀବନଶୈଳୀ ଅବଲମ୍ବନ' କରିବା ।

'ନମାମୀ ଗଙ୍ଗେ', ଗ୍ରୀନ୍ ଇଣ୍ଡିଆ ମିଶନ, କାମ୍ପା, ଏକ୍ ପେଡ୍ ମା'କେ ନାମ୍ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଭଳି କାର୍ଯ୍ୟକ୍ରମ ପ୍ରକୃତି ସଂରକ୍ଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ହେନ୍ତାଳବଣ ସୃଷ୍ଟି, ଅଲିଭ୍ ରିଡ୍‌ଲେ କଇଁଛର ସୁରକ୍ଷା, ଶିମିଳିପାଳ ଓ ସାତକୋଶିଆ ଭଳି ସଂରକ୍ଷିତ ଅଂଚଳର ବିକାଶ ସହିତ ନଦୀ ଅବବାହିକାରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

ଚାରା ରୋପଣ, ଜଳ ସଂରକ୍ଷଣ ଓ ଜୈବ ବିବିଧତାର ସୁରକ୍ଷା ମାଧ୍ୟମରେ ସବୁଜ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଗେଇ ଆସିବା ପାଇଁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ପ୍ରକୃତିର ସୁରକ୍ଷା ମାନବ ଜାତିର ସର୍ବୋତ୍ତମ ବିନିଯୋଗ। ପ୍ରକୃତି ସୁରକ୍ଷିତ ରହିଲେ, ମଣିଷର ଭବିଷ୍ୟତ ସୁରକ୍ଷିତ ରହିବା ସହ ଦେଶ ବିକାଶ ପଥରେ ଅଗ୍ରଗତି କରିବ।

## ଛାତ୍ରବୃତ୍ତି ଆବେଦନ

ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଆସନ୍ତାକାଲିଠାରୁ ଆବେଦନ ଆରମ୍ଭ ହେବ । ଛାତ୍ରଛାତ୍ରୀ ସେପ୍ଟେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଏଥିଲାଗି ଆବେଦନ କରିପାରିବେ ।

## ନୀଳାଦ୍ରି ବିଜେ

ନବଦିନାତ୍ମକ ଘୋଷଯାତ୍ରା ଶେଷ କରି ଗତକାଲି ନୀଳାଦ୍ରି ବିଜେ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ରଥ ଉପରେ ଦୈନନ୍ଦିନ ନୀତିକାନ୍ତି ଓ ସନ୍ଧ୍ୟାଧୂପ ନୀତି ଶେଷ ପରେ ଭୋଇ ସେବକମାନେ ତିନି ରଥରେ ଚାଳମାଳ ବାନ୍ଧିଥିଲେ। ଏହାପରେ ଗୋଟି ପହଣ୍ଡିରେ ପ୍ରଥମେ ମଦନ ମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ବିଜେ କରାଯାଇଥିଲା। ପରେ ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡିରେ ଯାଇ ରତ୍ନବେଦୀକୁ ବିଜେ ହୋଇଥିଲେ। ଆଜି ଅପରାହ୍ଣରେ ଶ୍ରୀମନ୍ଦିରରେ ରଥଯାତ୍ରା ପରର ମହାପ୍ରଭୁଙ୍କ ପ୍ରଥମ ମହାପ୍ରସାଦ ନୀଳାଚଳ ଅଭଡା ବାହାରିବ।

## ମେରା ଯୁବା ଭାରତ

କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ 'ମେରା ଯୁବା ଭାରତ' ବରଗଡ଼ ଶାଖା ଓ ପାର୍ବତୀ ଗିରି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା-ଏନ୍‌ଏସ୍‌ଏସ୍‌'ର ମିଳିତ ପ୍ରୟାସରେ ନିଶାମୁକ୍ତ ଯୁବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ପ୍ରତିନିଧି ମୁଖ୍ୟଅତିଥି ଭାବେ ଯୋଗଦେଇ 'ନିଶାମୁକ୍ତ ଭାରତ' ଗଠନରେ ଯୁବକ-ଯୁବତୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବା' ପ୍ରସଙ୍ଗରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ନାଟକ, ଚିତ୍ରାଙ୍କନ, ବକ୍ତୃତା, ସ୍ଲୋଗାନ ଓ ପତ୍ରଲିଖନ ପ୍ରତିଯୋଗିତା ହୋଇଥିଲା।

## ହେପାଟାଇଟ୍‌ସ ଦିବସ

ଯକୃତ ବା ଲିଭର୍ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ହେପାଟାଇଟ୍‌ସ ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ ଏହି ଦିବସ ପାଳନ ହୋଇଆସୁଛି । ଚଳିତବର୍ଷ ହେପାଟାଇଟ୍‌ସ ଦିବସର ବାର୍ତ୍ତା ହେଉଛି "ହେପାଇଟାଇଟ୍‌ସକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ନେବା" ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ, ପୃଥିବୀରେ ପ୍ରତି ୩୦ ସେକେଣ୍ଡ୍‌ରେ ଜଣେ ହେପାଟାଇଟସ୍ ଆକ୍ରାନ୍ତ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ୨୦୩୦ ମସିହା ସୁଦ୍ଧା ହେପାଟାଇଟିସ୍ ଭାଇରସ୍‌କୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ଦେଶଗୁଡ଼ିକୁ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଛି। ବିଶ୍ୱ ହେପାଟାଇଟିସ୍ ମେଣ୍ଟର ତଥ୍ୟ ଅନୁସାରେ ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୯୦ ପ୍ରତିଶତ ହେପାଟାଇଟିସ୍-ବି ଓ ୮୦ ପ୍ରତିଶତ ହେପାଟାଇଟିସ୍-ସି ଦ୍ୱାରା ସଂକ୍ରମଣ ହେଉଥିଲେ ମଧ୍ୟ ସେମାନେ ଏହି ରୋଗରେ ପୀଡିତ ହୋଇଥିବା ଜାଣି ପାରନ୍ତି ନାହିଁ।

ଜଣେ ନବଜାତ ଶିଶୁକୁ ଜନ୍ମ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ହେପାଟାଇଟ୍‌ସ ପ୍ରତିଷେଧକ ଟିକା ଦିଆଯିବା ନିତାନ୍ତ ଜରୁରୀ । ଏହି ଟିକା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍‌ଧ ହୋଇପାରୁଛି।

ହେପାଟାଇଟିସ୍ ରୋଗ ସମ୍ପର୍କରେ ଏସ୍‌ସିବି ମେଡିକାଲ କଲେଜର ଡାକ୍ତର ପ୍ରଫେସର ଜୟନ୍ତ ପଣ୍ଡା ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି.....

**- V/O -**

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଜିର ଦିନରେ ଏକ ସୁସ୍ଥ ହେପାଟାଇଟିସ୍‌ମୁକ୍ତ ଓଡ଼ିଶା ଗଠନ ପାଇଁ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବାକୁ କହିଛନ୍ତି। ପ୍ରାରମ୍ଭିକ ପରୀକ୍ଷା, ସମୟୋଚିତ ଚିକିତ୍ସା, ଟିକାକରଣ ଓ ସଚେତନତା ମାଧ୍ୟମରେ ଏହି ରୋଗକୁ ରୋକାଯାଇ ପାରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ସଚେତନ ହୋଇ ରୋଗର ପ୍ରତିରୋଧ କରିବା ପାଇଁ **ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି ।

## ରାଜ୍ୟଗୋଷ୍ଠୀ କ୍ରୀଡା

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ସଫଳତା ପାଇଁ ଭାରତୀୟ କ୍ରୀଡାବିତ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି ।

ମହିଳା ସଟ୍‌ପୁଟ ଏଫ୍ ୫୭ ବର୍ଗରେ ଭାରତୀୟ ପାରା ଆଥଲେ୍‌ଟ ଶର୍ମିଳା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ପୁରୁଷ ହାଇଜମ୍ପରେ ସର୍ବେଶ କୁଶାରେଙ୍କୁ ରୌପ୍ୟ, ୭୯ କିଲୋଗ୍ରାମ୍ ପୁରୁଷ ବର୍ଗରେ ଭାରୋତ୍ତୋଳନକାରୀ ଭଲୁର ଅଜୟଙ୍କୁ ରୌପ୍ୟ ପଦକ ମିଳିଛି। ମହିଳା ୫୮ କିଲୋଗ୍ରାମ୍ ବର୍ଗରେ ବିନ୍ଧ୍ୟାରାଣୀ ଦେବୀ ବ୍ରୋଞ୍ଜ୍ ପଦକ ହାସଲ କରି ଦେଶପାଇଁ ଗୌରବ ଆଣିଛନ୍ତି ।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସନ୍ତାମାସ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯିବ । ଏହି ସମୟରେ ଜାତୀୟପତାକା ଉତ୍ତୋଳନ ଓ ପ୍ରଦର୍ଶନ ସହ ବନ୍ଦେ ମାତରମ୍‌ର ସମବେତ ଗାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ’ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପତ୍ର

ଲେଖାଯାଇଛି । ରାଜ୍ୟର ସମସ୍ତ  ସରକାରୀ ବିଭାଗ, ଜିଲ୍ଲା ପ୍ରଶାସନ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥାର ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେବାକୁ ପତ୍ରରେ ଉଲ୍ଲେଖ ରହିଛି ।

# ଓଏସ୍ଏସ୍ଟିଇଟି ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଏସ୍ଏସ୍ଟିଇଟି ଆସନ୍ତା ସେପ୍ଟେମ୍ବର ମାସ ୩୦ ତାରିଖରେ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ ସକାଳ ୯ଟାରୁ ୧୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ ପରୀକ୍ଷା ହେବ ।

## ଟିଚ୍ କନ୍ଧମାଳ

**କନ୍ଧମାଳ** ଜିଲ୍ଲାର ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନର ମାନ ବୃଦ୍ଧି କରିବା ଲକ୍ଷ୍ୟ ନେଇ 'ଟିଚ୍ କନ୍ଧମାଳ' କାର୍ଯ୍ୟକ୍ରମ ଅଧୀନରେ  ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ବିଦ୍ୟାଳୟଗୁଡ଼ିକୁ ଯାଇ ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ଖଜୁରୀପଡା ବ୍ଲକ୍‌ର ବିଭିନ୍ନ ଗ୍ରାମ ଓ ପଂଚାୟତରେ ଥିବା ୧୯ଟି ବିଦ୍ୟାଳୟକୁ ପ୍ରଶାସନିକ ଅଧିକାରୀମାନେ ଗସ୍ତ କରି ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି। ଏହାସହିତ ସ୍କୁଲଗୁଡ଼ିକରେ ଶିକ୍ଷାଦାନ ସ୍ଥିତି ଓ ଭିତ୍ତିଭୂମିର ତଦାରଖ କରି ଗୁଣାତ୍ମକ

ଶିକ୍ଷାର ପ୍ରଚାରପ୍ରସାର ଦିଗରେ ଅଧିକ ପଦକ୍ଷେପ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପଶ୍ଚିମ-ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳରେ ସକ୍ରିୟ ଗଭୀର ଅବପାତର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି । ଗଭୀର ଅବପାତ ପଶ୍ଚିମବଙ୍ଗର ଦୀଘା ନିକଟତର ହୋଇ ସ୍ଥଳଭାଗ ଅତିକ୍ରମ କରିଛି । ବର୍ତ୍ତମାନ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ସହରରେ ୨୪୬ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆଜି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଏବଂ ସମ୍ବଲପୁର ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିଛି ।

ଜିଲ୍ଲା ପ୍ରଶାସନଗୁଡ଼ିକୁ ୨୪ ଘଣ୍ଟା ସତର୍କ ରହିବା ସହ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସାଳନ୍ଦୀ, କାଂଶବାଂଶ, ଜଳକା ଓ ବୈତରଣୀରେ ଜଳସ୍ତର ବିପଦସଂକେତ ଉପରେ ରହିଥିବା ନେଇ ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ **ଦିଲ୍ଲୀପ ରାଉତ** କହିଛନ୍ତି।

**ଭଦ୍ରକ** ଜିଲ୍ଲାର ବନ୍ୟାସ୍ଥିତି ଓ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଡକ୍ଟର ଦିଲ୍ଲୀପ ରାଉତରାୟ କହିଛନ୍ତି.....

**- V/O -**

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୩ ଦଶମିତ ୨/୭ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତିସେକେଣ୍ଡ୍‌ରେ ୧ ଲକ୍ଷ ୭୧ ହଜାର ୬୪୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨ଟି ଗେଟ୍ ଦେଇ ୬୩ ହଜାର ୩୧୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଆଜି ମୁଣ୍ଡୁଳି ବ୍ୟାରେଜ୍ ଦେଇ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବା ନେଇ ଆକଳନ କରାଯାଇଛି।